**୮ ଫୁଟ୍‌ର ଅଜଗର ଉଦ୍ଧାର** | **ବାରିପଦା ଅଫିସ:** ଶିମିଳିପାଳ ଅଞ୍ଚଳରୁ ପଳାଇ ଆସିଥିବା ଏକ ୮ ଫୁଟ୍‌ର ଅଜଗର ସାପକୁ ରବିବାର ବନ ବିଭାଗ ଉଦ୍ଧାର କରିଛି। ଶାମାଖୁଣ୍ଟା ବ୍ଲକ ଖୁଣ୍ଟାପାଳ ଗ୍ରାମର ହିମାଂଶୁ ରାଉତଙ୍କ ପୋଟଳ ବାଡ଼ିରେ ଅଜଗର ଥିଲା। ହିମାଂଶୁ ପୋଟଳ ଆଣିବାକୁ ଯାଇ ସାପକୁ ଦେଖି ଭୟଭୀତ ହୋଇପଡ଼ିଥିଲେ। ପରେ ଗ୍ରାମବାସୀଙ୍କୁ ଜଣାଇବା ପରେ ବନ ବିଭାଗ ଓ ସାପଧରାଳି ପହଞ୍ଚି ସାପକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ଅଜଗରକୁ ଶିମିଳିପାଳରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### କୋଲକାତାରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ବନ୍ତ,୨୨।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଲୋକ ପଞ୍ଚାୟତ ବାଇପୁର ଗ୍ରାମର ବଳରାମ ସାହୁ(୩୨)ଙ୍କର କୋଲକାତାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ୫ବର୍ଷ ହେଲା ସେ କୋଲକାତାରେ ଏକ ଘରୋଇ କମ୍ପାନୀରେ କାମ କରି ଆସୁଥିଲେ। କମ୍ପାନୀ କାର୍ଯ୍ୟରେ ଯାଇଥିବା ବେଳେ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ବ୍ୟବଚ୍ଛେଦ ପରେ ଶନିବାର ବିଳମ୍ବିତ ରାତିରେ ମରଶରୀର ଗ୍ରାମରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ବିଜୁ ଜନତା ଦଳର ଜଣେ ସକ୍ରିୟ କର୍ମୀ ଥିଲେ। ମୃତ୍ୟୁ ଖବର ପାଇ ବିଜେଡି ସହ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ବନ୍ୟା ଜଳରେ ବୁଡ଼ି ଯୁବକ ମୃତ

**ରୂପ୍‌ସା, ୨୨।୮(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ କଣ୍ଟିପଦା ପଞ୍ଚାୟତ ମିରିଗିମୁଣ୍ଡି ଗ୍ରାମର ଯୁବକ ଝଣ୍ଟୁ ଚରଣ ବେହେରା (୪୫) ରବିବାର ବନ୍ୟାଜଳରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ବନ୍ୟାଜଳ ମାଡ଼ିଥିବା ନିଜ ଚାଷଜମି ଦେଖିବା ପାଇଁ ସେ ସକାଳେ ଜମିକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଜମିକୁ ଖୋଜିବା ପାଇଁ ଯାଇଥିଲେ। ସେଠାରେ ବନ୍ୟାଜଳରେ ତାଙ୍କ ସ୍ୱାମୀ ଭାସୁଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**କୁଆମରା/ଖୁଣ୍ଟା,୨୨।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କନ୍ଦଳିଆ ଗ୍ରାମରେ ସୋମବାର ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୫ଜଣ ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଜଗା ମୁର୍ମୁ (୨୮)। ତାଙ୍କ ଘର ଗୋରୁମହିଷାଣୀ ଥାନା ଅଧୀନ ରାଖାଡିହି ଗ୍ରାମରେ। ସେ କନ୍ଦଳିଆ ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ଅପରାହ୍ନରେ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସେଠାରେ ଜଗା ଟଳି ପଡ଼ିଥିଲେ। ତାଙ୍କୁ ଡୁକୁରା ଡାକ୍ତରଖାନା ଅଣା ଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛନ୍ତି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ଠାକୁରମୁଣ୍ଡା,୨୨।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ସାଲେଇବେଡ଼ା ପଞ୍ଚାୟତ ଅନ୍ତର୍ଗତ ଜାମପୋଷି ଗ୍ରାମରେ ସୋମବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ରାନ୍ଦ ହୋ (୬୦)। ଚିକିତ୍ସା ପାଇଁ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ଗ୍ରାମ ନିକଟରେ ଥିବା କୁସୁମ ଗଛରୁ କୋଳି ତୋଳିବା ପାଇଁ ଯାଇଥିବା ବେଳେ ମା' ସହ ଦୁଇ ଛୁଆ ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପାଖରେ ଥିବା ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

### ଦେଶ କରମ ପରବ୍ ପାଇଁ ପ୍ରସ୍ତୁତି

**ପାଟଣା,୨୨।୮(ସ୍ୱ. ପ୍ର.):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମରେ କୁଡୁମୀ ସମ୍ପ୍ରଦାୟର ଆସନ୍ତା ୩୧ରେ ଦେଶକରମ ପରବ୍ ସକାଶେ ରବିବାର ଧାନବେଣୀ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ପରବ୍‌କୁ ଆକର୍ଷଣୀୟ ପାଇଁ ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ୨୪ନଂ ଜୋନ ଜିଲା ପରିଷଦ ସଦସ୍ୟା ଗୁନୁ ମହାନ୍ତ, କୁଡୁମୀ ସେନା ସଭାପତି ଅଶୋକ କୁମାର ମହାନ୍ତ, ଓ ସାଧାରଣ ସମ୍ପାଦକ ତ୍ରିନାଥ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ଦେଇଛନ୍ତି। ସମିତିର ଉପଦେଷ୍ଟା ଭାବେ ମନୋହର ମହାନ୍ତ, ସତ୍ୟନାରାୟଣ ମହାନ୍ତ, ତୁଳସୀ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ମନୋନୀତ ହୋଇଥିବା ବେଳେ ସଭାପତି ଭାବେ ଜୟନ୍ତୀ ମହାନ୍ତ, ଉପସଭାପତି ଭାବେ ବିରଞ୍ଚି କୁମାର ମହାନ୍ତ, ସମ୍ପାଦକ ଭାବେ ଗୌରହରି ମହାନ୍ତ, କୋଷାଧ୍ୟକ୍ଷ ଭାବେ ଶୁକାନ୍ତ ମହାନ୍ତ ମନୋନୀତ ହାଇଛନ୍ତି।

# ନଭେମ୍ବର ସୁଦ୍ଧା ଚାଲିବ ବାଲେଶ୍ୱର ଆଲଏଜ୍

**ବାଲେଶ୍ୱର ଅଫିସ, ୨୨।୮**

ବାଲେଶ୍ୱର ଜିଲା ରେମୁଣା ଶିଳ୍ପାଞ୍ଚଳରେ ଥିବା ବାଲେଶ୍ୱର ଆଲଏଜ୍ ଦୀର୍ଘଦିନ ଧରି ବନ୍ଦ ହୋଇପଡ଼ିଥିବାରୁ ଶ୍ରମିକ ଓ କର୍ମଚାରୀମାନେ ଏକପ୍ରକାର ଆଶା ଛାଡ଼ି ଦେଇଥିଲେ। ଆସନ୍ତା ନଭେମ୍ବର ସୁଦ୍ଧା କମ୍ପାନୀ ପୁନଃ ଖୋଲିବା ନେଇ ନିଷ୍ପତ୍ତି ହୋଇଥିବା ସୂଚନା ମିଳିବା ପରେ ଶ୍ରମିକ ଓ କର୍ମଚାରୀ ମହଲରେ ଆଶା ସଞ୍ଚାର ହୋଇଛି। ଏ ସମ୍ପର୍କରେ ସୋମବାର ଜିଲା ଶ୍ରମ ବିଭାଗ ଅଫିସ ପରିସରରେ ବସିଥିବା ବୈଠକରୁ ଜଣାପଡ଼ିଛି।


ବାଲେଶ୍ୱର ଆଲଏଜ୍ ପୁନଃ ଖୋଲିବା ନେଇ ବସିଥିବା ବୈଠକ।

ଡେପୁଟି ଲେବର କମିଶନର ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କମ୍ପାନୀର ସମସ୍ୟା ଏବଂ ପୁନଃ ଖୋଲିବା ନେଇ ଆଲୋଚନା ହୋଇଥିଲା। ଇସ୍ପାତ ମଜଦୁର ସଭାର ସଭାପତି ଅରୁଣ କୁମାର ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ଗୋପ ନାରାୟଣ ଦାସଙ୍କ ସମେତ ଆଲଏଜ୍‌ର ଏଚ୍ଆର୍ ମୁଖ୍ୟ ସଞ୍ଜିବ କୁମାର ଚୌହାନ ଉପସ୍ଥିତ ଥିଲେ। ବହୁ ଆଲୋଚନା ଓ ବିମର୍ଶ ପରେ କମ୍ପାନୀ ବନ୍ଦ ହେବା ପରେ ଶ୍ରମିକମାନଙ୍କୁ ଦିଆଯାଉଥିବା ୫ହଜାର ଟଙ୍କା ଆସନ୍ତା ସେପ୍ଟେମ୍ବର ୨ରେ ଦିଆଯିବ ଏବଂ ନଭେମ୍ବର ସୁଦ୍ଧା କମ୍ପାନୀ ପୁନଃ ଖୋଲାଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜଣାପଡ଼ିଛି। କମ୍ପାନୀରେ ଉପୁଜିଥିବା ବିଦ୍ୟୁତ୍ ସମସ୍ୟା ପାଇଁ ଟାଟା ପାୱାର ସହିତ ଇଲେକ୍ଟ୍ରିସିଟି ସମ୍ବନ୍ଧୀୟ ସମସ୍ତ ଚୁକ୍ତିନାମା ଏବଂ ରାଜ୍ୟ ସରକାରଙ୍କ ସହ ଖଣି ସମ୍ବନ୍ଧୀୟ ସମସ୍ତ ଚୁକ୍ତିନାମା ଶେଷ ହୋଇଯାଇଛି। ତେଣୁ କମ୍ପାନୀ ଚଲାଇବାରେ ଆଉ ବିଳମ୍ବ ହେବ ନାହିଁ ବୋଲି ଏଚ୍ଆର୍ ମୁଖ୍ୟ ଚୌହାନ କହିଛନ୍ତି।

ଏନେଇ ଡେପୁଟି ଲେବର କମିଶନର ଅଜୟ କୁମାର ପ୍ରଧାନ କହନ୍ତି, କମ୍ପାନୀ ବନ୍ଦ ହେବା ପରେ ଇସ୍ପାତର ମ୍ୟାନେଜମେଣ୍ଟ ସମସ୍ତ ସ୍ଥାୟୀ ଶ୍ରମିକଙ୍କର ଚଳିବା ପାଇଁ ମାସିକ ୫ହଜାର ଟଙ୍କା ଦେଇଆସୁଥିଲେ। ଗତ ୩/୪ମାସ ଧରି ସେ ଟଙ୍କା ମଧ ବନ୍ଦ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୨ତାରିଖରେ ଶ୍ରମିକମାନଙ୍କୁ ୫ହଜାର ଟଙ୍କା ଦେବାର ସହମତି ପ୍ରକାଶ କରିଛନ୍ତି। ଏଥିସହିତ ଅକ୍ଟୋବର ସୁଦ୍ଧା କମ୍ପାନୀ ଚଲାଇବାକୁ ଚେଷ୍ଟା କରୁଥିବା ପ୍ରତିଶ୍ରୁତି ମିଳିଛି ବୋଲି ପ୍ରକାଶ କରିଥିଲେ।

# ଦମ୍ପତିଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

**କେନ୍ଦୁଝର, ୨୨।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ଧୋଗୋଠ ଗ୍ରାମର ପ୍ରଧାନସାହିରେ ରବିବାର ରାତିରେ ଶୋଇଥିବା ବେଳେ ଏକ ଦମ୍ପତିଙ୍କୁ ବାହାରପଟୁ ତାଲା ପକାଇ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରାଯାଇଛି। ଉଭୟ ସ୍ତ୍ରୀ ସ୍ୱାମୀ ପୋଡି ହୋଇ ଗୁରୁତର ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘର ବାହାରେ ଏକ ପେଟ୍ରୋଲ ବୋତଲକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି ।

ଦୁଇ ବର୍ଷ ପୂର୍ବେ ବିବାହ କରିଥିବା ଉଗ୍ରେସନ ପଲେଇ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସବୁଦିନ ଭଳି ଖାଇପିଇ ଘରେ ଶୋଇଥିଲେ। ହଠାତ୍ ଦୁର୍ବୃତ୍ତମାନେ ଘର ବାହାରେ ତାଲା ପକାଇ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଉଭୟେ ଘର ଭିତରେ ଚିତ୍କାର କରିଥିଲେ ହେଁ ବାହାର କବାଟ ବନ୍ଦ ଥିବାରୁ ବାହାରି ପାରି ନ ଥିଲେ। ରୁମ୍ ବାହାରପଟୁ ବନ୍ଦ ଥିବାରୁ ପରିବାରର ଅନ୍ୟ ସଦସ୍ୟମାନେ ଉକ୍ତ ଦମ୍ପତିଙ୍କୁ ଉଦ୍ଧାର କରିବାକୁ ପଦାକୁ ଆସି ପାରି ନ ଥିଲେ। ପଡୋଶୀମାନେ କବାଟ ଭାଙ୍ଗି ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ହରିଚନ୍ଦନପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଥାନା ଅଧିକାରୀ ଦେବକୀ ନାୟକ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

# ଶହେ ଟଙ୍କା ପାଇଁ ବାପାଙ୍କୁ ମରଣାନ୍ତକ ଆକ୍ରମଣ

**ବାହାନଗା,୨୨।୮(ଡି.ଏନ.ଏ.)**

## ପୁଅ ଗିରଫ

ବାଲେଶ୍ୱର ଜିଲା ବାହାନଗା ବ୍ଲକ କରଞ୍ଜେଇ ଗ୍ରାମର ଜଣେ ବିବାହିତ ଯୁବକ ସାମାନ୍ୟ ଟଙ୍କା ପାଇଁ ତାଙ୍କ ବାପାଙ୍କୁ ମରଣାନ୍ତକ ଆକ୍ରମଣ କରି ପୋଲିସ ଦ୍ୱାରା ଗିରଫ୍ ହୋଇଛନ୍ତି। ଏନେଇ ସୋର ଥାନାରେ ଏକ ମାମଲା(ନଂ.୩୭୭/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଅଜିତ କୁମାର ପାଣିଗ୍ରାହୀ। ରବିବାର ସକାଳେ ଅଜିତ ତାଙ୍କ ବାପା ନରେନ୍ଦ୍ର ପାଣିଗ୍ରାହୀଙ୍କୁ ଖର୍ଚ୍ଚପାଇଁ ଶହେ ଟଙ୍କା ମାଗିଥିଲେ। ବାପା ଟଙ୍କା ଦେବାକୁ ମନା କରିଦେବାରୁ ଅଜିତ ଏକ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନରେନ୍ଦ୍ରଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ପରେ ନରେନ୍ଦ୍ର ଥାନାରେ ଅଭିଯୋଗ କରିବାରୁ ପୋଲସ ଅଜିତଙ୍କୁ ଗିରଫ କରିଥିଲା।

# ଦାବି ପୂରଣ ନ ହେଲେ ଘେରାଉ ହେବ ଜିଲାପାଳ ଅଫିସ


ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି କଂଗ୍ରେସ କର୍ମକର୍ତ୍ତା।

**ଭଦ୍ରକ ଅଫିସ,୨୨।୮**

## କଂଗ୍ରେସର ଚେତାବନୀ

ଭଦ୍ରକ କଚେରି ବଜାର ମୋଚି ଛକଠାରୁ ନଘାମହଲା, ଶଙ୍କରପୁର, ପୁରୁଣାବଜାର, ବାଙ୍କାବଜାର, ସଙ୍ଗତ ଛକ, ଗୁଜିଦରଡ଼ା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଜବରଦଖଲ ଉଚ୍ଛେଦ କରାଯାଇ ସ୍ଥାୟୀ ନିର୍ମାଣ ପାଇଁ ଦାବି ହୋଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ରାସ୍ତାରୋକୋ କରାଯିବ ବୋଲି ଟାଉନ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ସୋମବାର ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ପୂର୍ବାହ୍ନରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ପୂର୍ବରୁ ଏହିଦାବିନେଇ କଂଗ୍ରେସ ପକ୍ଷରୁ ଗତ ଜୁଲାଇ ୧୩ରେ ଉକ୍ତ ରାସ୍ତାର ତିନି ଛକଠାରେ ଅବରୋଧ କରାଯାଇଥିଲା। ଭଦ୍ରକ ତହସିଲଦାର, ଆର୍ ଆଣ୍ଡ ବି ର ସହାୟକ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଆଲୋଚନା କରିଥିଲେ। ଡିମାର୍କେସେସନ କରାଯାଇ ଜବରଦଖଲ ଉଚ୍ଛେଦ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଡିମାର୍କେସେସନ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଉଚ୍ଛେଦ କାର୍ଯ୍ୟ କରାଯାଇ ନାହିଁ। ଅବଦୁଲ ମୋକିତ ଖାଁ, ଅସରଫ ଅଲ୍ଲୀ ଖାଁ, ପୁଷ୍ପରାଜ ଲାହା, ବିଜୟ ବାରିକ, ଶେଖ୍ ଇମ୍ରାନ ଆଲାମ, ତନବୀର ଖାଁ, ରଞ୍ଜନ ଜେନା, ଇଲିୟାସ ଅଲ୍ଲୀ ଖାଁ, ମତଲୁବ ଅଲ୍ଲୀ ଖାଁ, ଚୁନି ଅଲ୍ଲୀଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଟ୍ରେନରେ କଟି ଅଟୋ ଡ୍ରାଇଭର ମୃତ

**ବାଲେଶ୍ୱର ଅଫିସ, ୨୨।୮**

ବାଲେଶ୍ୱର ରେଲଷ୍ଟେଶନ ନିକଟସ୍ଥ ଓଭରବ୍ରିଜ୍ ଦେଇଯାଇଥିବା ରେଳଧାରଣାରେ ଟ୍ରେନରେ କଟି ଜଣେ ଅଟୋ ଡ୍ରାଇଭରଙ୍କ ରବିବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ଓଲନ୍ଦାସାହି ଅଞ୍ଚଳର ଦାମୋଦର ବେହେରା। ଏନେଇ ରେଲୱେ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୭୨/୨୨) ରୁଜୁ କରାଯାଇଛି। ରେଲୱେ ପୋଲିସ ସୋମବାର ଖବରପାଇ ମୃତଦେହ ଜବତ କରି ଚିହ୍ନଟ କରିଥିଲା। ପରେ ପରିବାର ଲୋକଙ୍କୁ ଖବର ଦେବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମାର୍କୋଣା ଷ୍ଟେଶନରୁ କର୍ମଚାରୀ ଗିରଫ

**ସିମୁଳିଆ, ୨୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ରେଲଷ୍ଟେଶନର ରିଜର୍ଭେସନ ଟିକେଟ କାଟିବା ଦାୟିତ୍ୱରେ ଥିବା ବସନ୍ତ ଜେନାଙ୍କୁ ଖଡ଼ଗପୁର ଡିଭିଜନର ଆରପିଏଫ୍ ଟିମ୍ ଗିରଫ କରିଛି। ପୋଲିସ ଟିମ୍ ସାଧା ପୋଷାକରେ ପୂର୍ବରୁ ଜଗି ରହିଥିଲେ। ଭଦ୍ରକରୁ ସିକନ୍ଦରାବାଦ ଯିବାପାଇଁ ବାଟି ଅଞ୍ଚଳର ଜଣେ ମହିଳାଙ୍କ ନିକଟରୁ ସେ ଅଧିକ ୭୦୦ ଟଙ୍କା ନେଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ତାଙ୍କୁ ବାଲେଶ୍ୱର ନିଆଯାଇଥିବା ସୂଚନା ମିଳିଛି। ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ବସନ୍ତ ରିଜର୍ଭେସନ ଟିକେଟ କାଟିବା ଦାୟିତ୍ୱରେ ଥିଲେ। ତେବେ ଦୀର୍ଘ ଦିନ ହେଲା ଟିକେଟ କଳା ବଜାରୀ ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା। ଏହି ଚଢାଉରେ ଖଡଗପୁର ଆରପିଏଫ ଇନ୍ସପେକ୍ଟର କମଲେସ ସମଦାରଙ୍କ ସମେତ ଅନ୍ୟ ୫ଜଣ ସାମିଲ ଥିଲେ।

# ସୁଭଦ୍ରାଙ୍କୁ ସହାୟତାର ହାତ ବଢ଼ାଇଲେ ନବଜ୍ୟୋତି


ସୁଭଦ୍ରାଙ୍କୁ ସହାୟତାର ହାତ ବଢ଼ାଇଲେ ନବଜ୍ୟୋତି।

**ବାଲେଶ୍ୱର ଅଫିସ, ୨୨।୮**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ପାଟଣାରାଇପୁର ଗ୍ରାମର ବାପଛେଉଣ୍ଡ ୧୦ମ ଶ୍ରେଣୀ ଛାତ୍ରୀ ସଭୁଦ୍ରା ପଣ୍ଡା ପାଠ ପଢ଼ିବା ଏବଂ ଘରର ଅସୁବିଧା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତାଙ୍କ ପାଠପଢ଼ା ଏବଂ ସମସ୍ତ ଦାୟିତ୍ୱ ନେବା ପାଇଁ ଆଗେଇ ଆସିଛନ୍ତି କଂଗ୍ରେସନେତା ନବଜ୍ୟୋତି ପଟ୍ଟନାୟକ। ଏପରିକି ଜିଲା ପ୍ରଶାସନ ପକ୍ଷରୁ ଅଧିକାରୀମାନେ ସୁଭଦ୍ରାଙ୍କ ଘରକୁ ଯାଇ ବିଭିନ୍ନ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିବା ବେଳେ ଶନିବାର କଂଗ୍ରେସ ନେତା ନବଜ୍ୟୋତି ଓ ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ପଠାଇ ତାଙ୍କୁ ପଢ଼ିବା ଖର୍ଚ୍ଚ ବାବଦକୁ ୧୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ତାଙ୍କର ପାଠ ପଢ଼ାର ଦାୟିତ୍ୱ ନେବାରେ ଘୋଷଣା କରିଛନ୍ତି। ଅନ୍ୟପଟେ ଛାତ୍ର କଂଗ୍ରେସ ପକ୍ଷରୁ ରୋଷେଇ ସୁବିଧା ପାଇଁ ରନ୍ଧନ ଗ୍ୟାସ ସିଲିଣ୍ଡର ଓ ଚୁଲା ଯୋଗାଇ ଦେଇଛନ୍ତି ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ। ଏଥିସହ ଆଗାମୀ ଦିନରେ ସୁଭଦ୍ରାଙ୍କ ଉଚ୍ଚଶିକ୍ଷା ପାଇଁ ପାଠପଢ଼ା ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା ଯୋଗାଇବେ ବୋଲି ନବଜ୍ୟୋତି କହିଛନ୍ତି। ପ୍ରାଥମିକତା ଭିତ୍ତିରେ ସୁଭଦ୍ରାଙ୍କୁ ଗୋଟିଏ ଘର ଯୋଗାଇ ଦେବା ସହ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ଲାଗି ସେ ସରକାରଙ୍କଠାରେ ଦାବି କରଛନ୍ତି। ସେହିପରି ଛାତ୍ର କଂଗ୍ରେସ ସଭାପତି ସାହୁ ଆଗାମୀ ଦିନରେ ଦରକାର ପଡ଼ିଲେ ଜିଲାପାଳଙ୍କ ସହ ସାକ୍ଷାତ କରି ସୁଭଦ୍ରାଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସ, ଜିଲା ଛାତ୍ର କଂଗ୍ରେସ ଉପସଭାପତି ଜୀବନ ମହାପାତ୍ର, ସାଧାରଣ ସମ୍ପାଦକ ସୌରଭ ବେହେରା, ନବପ୍ରସାଦ ଭୂୟାଁ, ସମ୍ପାଦକ ଭବାନୀ ଶଙ୍କର ବେହେରା, ଯୁବନେତା ପରିତୋଷ ମଣ୍ଡଳ, ମନୋଜ ମହାନ୍ତି ଓ ଅଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜର ୩ଦିନ ପରେ ମିଳିଲା ଛାତ୍ରଙ୍କ ମୃତଦେହ

**ଧାମନଗର,୨୨।୮(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବୟାଙ୍ଗଡିହି ପଞ୍ଚାୟତ ଭଉଁରିଆବାଙ୍କ ଗ୍ରାମର ରାହୁଲ ସେଠୀ ନାମକ ନବମ ଶ୍ରେଣୀ ଛାତ୍ର ଗତ ଶୁକ୍ରବାର ଗେଙ୍ଗୁଟି ନଦୀରେ ଗାଧୋଇବା ବେଳେ ଭାସିଯାଇ ନିଖୋଜ ଥିଲେ। ୩ ଦିନ ପରେ ସୋମବାର ତାଙ୍କ ମୃତଦେହ ମିଳିଛି। ସ୍ଥାନୀୟ ଛନ୍ଦାସାହି ପୋଲ ନିକଟରେ ନଦୀରେ ଥିବା ଦଳ ତଳେ ମୃତଦେହ ଚାପିହୋଇ ରହିଥିବା ଗ୍ରାମବାସୀ ସକାଳେ ଦେଖିବାକୁ ପାଇଥିଲେ। ଖବର ପାଇ ଧୂଷୁରୀ ଥାନା ପୋଲିସ, ଧାମନଗର ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ପହଞ୍ଚି ମୃତଦେହ ବାହାର କରିଥଲେ। ଏହାପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

# ଟାଟାଷ୍ଟିଲ ପକ୍ଷରୁ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ଯୋଡ଼ା,୨୨।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଦେଓଝର ପଞ୍ଚାୟତରେ ଥିବା ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଟାଟାଷ୍ଟିଲ ଦ୍ୱାରା ନିର୍ମିତ ନୂତନ ଶ୍ରେଣୀ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଟାଟାଷ୍ଟିଲ ଜିଏମ ଅତୁଲ ଭଟ୍ଟନାଗର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା ଓ ପୂର୍ବତନ ସମିତି ସଭ୍ୟ ଯୁଧିଷ୍ଠିର ପଲେଇଙ୍କ ଉଦ୍ୟମ କ୍ରମେ ଟାଟାଷ୍ଟିଲ ପକ୍ଷରୁ ଏହି ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ଆଗାମୀ ଦିନରେ ଏହି ବିଦ୍ୟାଳୟରେ ଏକ କନ୍‌ଫରେନ୍ସ ରୁମ ସହିତ ଦୁଇଟି ଶିବ ମନ୍ଦିରରେ ଅତ୍ୟାଧୁନିକ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଟାଟାଷ୍ଟିଲ ଜିଏମ୍ ଭଟ୍ଟନାଗର ପ୍ରତିଶ୍ରୁତି ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଟାଟାଷ୍ଟିଲ ଜିଏମ୍ ଅତୁଲ ଭଟ୍ଟନାଗର ଉପସ୍ଥିତ।

# କୃଷ୍ଣଲୀଳା ଲୋକନୃତ୍ୟକୁ ଲୋକକଳା ମାନ୍ୟତା ଦାବି

**କେନ୍ଦୁଝର,୨୨।୮ (ସ୍ୱ.ପ୍ର.)**

କେନ୍ଦୁଝର ରାସ ସଂକୀର୍ତ୍ତନ ସଂଘର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର କେନ୍ଦୁଝର ହୋଟେଲ ସାଗର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୩୦ରୁ ଅଧିକ ରାସ ସଂକୀର୍ତ୍ତନ ସମାଜର କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ସଂଘର ନାମ ପରିବର୍ତ୍ତନ ସହ କଳେବର ବୃଦ୍ଧି ସମ୍ବନ୍ଧିତ ଆଲୋଚନା ହୋଇଥିଲା। ଅନ୍ୟତମ ପ୍ରାଚୀନ କଳା କୃଷ୍ଣ ଲୀଳାକୁ ଓଡ଼ିଶାର ଲୋକ କଳା ଭାବେ ମାନ୍ୟତା ଦାବି ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ସଂଘର ସଭାପତି ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ, ଉପସଭାପତି ସୁରେଶ ଚନ୍ଦ୍ର ମହାକୁଡ଼, ଯୁଗ୍ମ ସମ୍ପାଦକ ଧବଳେଶ୍ୱର ବେହେରା, ଉପଦେଷ୍ଟା ଶରତ କୁମାର ବାରିକ ଓ ଟୁନା ଗୋପ ପ୍ରମୁଖ ଯୋଗ ଦେଇ ସଂଘର ଆଭିମୁଖ୍ୟ ଏବଂ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ।

ରାସ ସଂକୀର୍ତ୍ତନ ଏକ ପ୍ରାଚୀନ ଲୋକ କଳା। ଏହି ନୃତ୍ୟରେ ପାରମ୍ପାରିକ ବାଦ୍ୟ, ତାଳ, ନୃତ୍ୟ ସହ ଅଭିନୟର ସମିଶ୍ରଣ ରହିଥିବାରୁ ଏହାକୁ କୃଷ୍ଣଲୀଳା ଭାବେ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

## ରାସ ସଂକୀର୍ତ୍ତନ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ନାମିତ କରି ପଞ୍ଜିକରଣ କରିବା ପାଇଁ ଏହି ବୈଠକରେ ସର୍ବସମ୍ମତିରେ ପ୍ରସ୍ତାବ ପାରିତ ହୋଇଥିଲା। କାର୍ଯ୍ୟକାରିଣୀ କମିଟିର ସଦସ୍ୟ ସଂଖ୍ୟା ୨୬ରୁ ୩୫ ଜଣଙ୍କୁ ବୃଦ୍ଧି କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଭାବେ ମାନସ ରଞ୍ଜନ ବାରିକ, ନୃତ୍ୟ ସଂସ୍କାର ସଂଯୋଜକ ଭାବେ ବିଶ୍ୱାଳ ବେହେରା, ସୋସିଆଲ ମିଡିଆ ସଂଯୋଜକ ଭାବେ ସବ୍ୟସାଚୀ ବେହେରା ଆଦିଙ୍କୁ ନୂତନ ଭାବେ ଚୟନ କରାଯାଇଛି। ସେହିପରି ସନ୍ତୋଷ କୁମାର ବାରିକଙ୍କୁ ଉପସଭାପତି ଏବଂ ଲକ୍ଷ୍ମଣ କୁମାର ପଲେଇଙ୍କୁ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଜୋନ ସ୍ତରୀୟ ଏବଂ ଗ୍ରାମ ସ୍ତରୀୟ କମିଟି ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାରେ ରହିଥିବା ବୟୋଜ୍ୟେଷ୍ଠ କୃଷ୍ଣ ଲୀଳା ଲୋକନୃତ୍ୟ କଳାକାରଙ୍କୁ ସଂଘ ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନିମନ୍ତେ ବୈଠକରେ ପ୍ରସ୍ତାବ ପାରିତ ହୋଇଥିବାବେଳେ ସଂଘ ପକ୍ଷରୁ କଳାର ବିକାଶ ନେଇ ମାର୍ଗଦର୍ଶକ ନିଯୁକ୍ତି ନେଇ ପ୍ରସ୍ତାବ ପାରିତ ହୋଇଥିଲା। ଆଗାମୀ ଡିସେମ୍ବର ମାସରେ ଜିଲାସ୍ତରୀୟ ସମ୍ମିଳନୀ କରାଯାଇ ଏହି କଳାକୁ ଲୋକ କଳାର ମାନ୍ୟତା ଦାବିରେ ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିବା ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

**ଦୁର୍ଦ୍ଦଶାରେ ବନ୍ୟା ବିପନ୍ନ**

ମୋରଡ଼ା,(ଡି.ଏନ.ଏ): ମୋରଡ଼ା ତହସିଲ ଅଞ୍ଚଳରେ ବନ୍ୟା ସ୍ଥିତି ଟଳିଯାଇଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ବନ୍ୟାଜଳ ସୁବର୍ଣ୍ଣରେଖା କେନାଲରେ ଆସି ବରକନ୍ଦ ପଞ୍ଚାୟତର ଗୁହାଳଡିହା ଗ୍ରାମରେ ପ୍ରବେଶ କରିବା ଯୋଗୁ ରୁଇବାରୀ ସିଂଙ୍କ ପରିବାର ଲୋକେ ବାସହରା ହୋଇଛନ୍ତି। ପରିବାର ଲୋକେ ଶୋଇଥିବା ବେଳେ ବନ୍ୟାପାଣି ମାଡ଼ି ଆସିଥିଲା। ତାଙ୍କ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଭାଲିଆଡିହା ପଞ୍ଚାୟତ ନିଚୁଆପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି, ବରଜୁ ବିନ୍ଧାଣି, ରବୀନ୍ଦ୍ର ବିନ୍ଧାଣି, ବିଶ୍ୱନାଥ ବିନ୍ଧାଣିଙ୍କ ଘର ଭାଙ୍ଗି ଯାଇଛି। ସେହିପରି ଜୟହରୀ ମହାନ୍ତ ଓ ଭୋଟଲ ବିନ୍ଧାଣି ବାସସ୍ଥାନ ହରାଇ ଦୁର୍ଦ୍ଦଶାରେ ଅଛନ୍ତି।



# କମୁଛି ସୁବର୍ଣ୍ଣରେଖା, ବଢୁଛି ଦୁର୍ଦ୍ଦଶା

ବାଲେଶ୍ୱର ଅଫିସ, ୨୨।୮

ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍‌ରୁ ମୋଟ୍ ୨୦ଟି ଗେଟ୍ ଖୋଲାଯାଇଥିବାରୁ ଉତ୍ତର ବାଲେଶ୍ୱରରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ଭୟଙ୍କର ବନ୍ୟା ସ୍ଥିତି ଉପୁଜିଛି। ରାଜଘାଟସ୍ଥିତ ପୋଲ ନିକଟରେ ବିପଦସଙ୍କେତ ୧୦.୩୬ ମିଟର ଥିବାବେଳେ ସୋମବାର ପୂର୍ବାହ୍ନ ୫ଟା ସୁଦ୍ଧା ୧୧.୯୦ ମିଟର ଥିବା ବେଳେ ଧୀରେ ଧୀରେ ଜଳସ୍ତର କମି ସନ୍ଧ୍ୟା ୬ଟା ସୁଦ୍ଧା ୧୧.୪୨ମିଟରରେ ପହଞ୍ଚିଛି। ସେହିପରି ବସ୍ତା ବ୍ଲକ ମଥାନୀ ପୋଲ ନିକଟରେ ଜଳକା ନଦୀରେ ବିପଦସଙ୍କେତ ୫.୫୦ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୬.୫୦ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ଜିଲାର ପ୍ରାୟ ୪ଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳର ଲୋକଙ୍କୁ ବିସ୍ଥାପନ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯିବା ସହ ସେମାନଙ୍କୁ ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟସେବା ଲାଗି ବ୍ୟବସ୍ଥା କରାଯାଇଛି। ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ୧୨, ଏନ୍‌ଡିଆର୍‌ଏଫ୍ ୪, ଓଡ୍ରାଫ୍ ୫ ମୋଟ୍ ୨୧ଟି ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ସ୍ୱାସ୍ଥ୍ୟସେବା ଲାଗି ୧୦ଟି ମେଡ଼ିକାଲ ଟିମ୍, ୯ଟି ୧୦୮ ଆମ୍ବୁଲାନ୍ସ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ୮ଟି ରୋଡ୍ ଟିମ୍ ଦ୍ୱାରା କାର୍ଯ୍ୟ ତଦାରଖ କରାଯାଉଛି। ବନ୍ୟାରେ ଜିଲାରେ ମୋଟ ୫ଟି ବ୍ଲକ ଅଧୀନ ୮୩ ପଞ୍ଚାୟତର ୧୫୬ଗାଁରୁ



ବାଲିଆପାଳ ବ୍ଲକ ଅଞ୍ଚଳର ଚାଷ ଜମିରେ ବନ୍ୟା ପାଣି।

**୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର**

୪୦ହଜାର ୧୨୪ ଲୋକଙ୍କୁ ସ୍ଥାନାନ୍ତର କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ସେମାନଙ୍କୁ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ୧୫୮ ମାଗଣା ଖାଦ୍ୟବଣ୍ଟନ କେନ୍ଦ୍ର ଖୋଲାଯିବା ଲାଗି ଯୋଜନା କରାଯାଇଛି। ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର କମିଯାଇଥିବାରୁ ସଦର ଓ ରେମୁଣା ବ୍ଲକରେ ପାଣି ଛାଡ଼ିଥିବା ଜଣାପଡ଼ିଛି।

ସରକାରୀ ରିପୋର୍ଟ ଅନୁସାରେ ମୋଟ୍ ୮୫ପଞ୍ଚାୟତର ୨୨୪ଗାଁରୁ ୨୮ହଜାର ୯୦୧ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୧୬୩ ବାତ୍ୟା ଆଶ୍ରୟସ୍ଥଳ ରଖାଯାଇଛି। ୧୫୭ ମାଗଣା ଖାଦ୍ୟ ବଣ୍ଟନ କେନ୍ଦ୍ର କରାଯାଇଛି। ଆରଡ଼ିସି ସେଣ୍ଟ୍ରାଲ ଡିଭିଜନ ଜଳେଶ୍ୱର ଓ ବାଲିଆପାଳ ବ୍ଲକରେ ପହଞ୍ଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଏନେଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି, ଜିଲାର ବହୁ ଗ୍ରାମଗୁଡ଼ିକ ମଧ୍ୟରେ ବନ୍ୟାଜଳ ପ୍ରବେଶ କରିଛି। ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି। ନଦୀର ଜଳସ୍ତର କମିଥିଲେ ସୁଦ୍ଧା ଏବେ ବି ବିପଦ ସଂକେତ ଉପରେ ରହିଛି। ଏଥିପାଇଁ ପାଣି ଅଞ୍ଚଳକୁ ନ ଯିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ବନ୍ୟା ପୀଡ଼ିତଙ୍କ ପାଇଁ ଶୁଖିଲା ଖାଦ୍ୟ ବହୁମାତ୍ରାରେ ଗଚ୍ଛିତ ରହିଛି। ପ୍ରତି ବ୍ଲକରେ ଏହା ଗଚ୍ଛିତ ଥିବା ବେଳେ ଲୋକମାନଙ୍କୁ ବିତରଣ କରାଯାଉଛି। ଖାଦ୍ୟ ସାମଗ୍ରୀ ମହଜୁଦ ଥିବା ବେଳେ ଯେଉଁଠି ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚି ନାହିଁ ସେମାନେ କ୍ଲଷ୍ଟର ଲେବୁଲ ଟିମ୍‌କୁ ଜଣାଇଲେ ଖାଦ୍ୟ ଯୋଗାଇ ଦିଆଯିବ। ଯେତେଦିନ ଯାଏ ବନ୍ୟା ପରିସ୍ଥିତି ରହିବ ଓ ଯୋଗାଯୋଗ ସୁବ୍ୟବସ୍ଥା ହୋଇ ନ ଥିବ ସେତେଦିନ ଯାଏ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କହିଛନ୍ତି।

# ୧୦ ହଜାର ଲୋକ ଜଳଘେରରେ

## ଏଯାଏ ମିଳିଲାନି ସରକାରୀ ସହାୟତା



ପଧାନି-ସୋହଡ଼ା ରାସ୍ତାରେ ବନ୍ୟାପାଣିରେ ପଶି ଲୋକେ ଯାଉଛନ୍ତି।

ଧାମନଗର,୨୨।୮(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଯୋଗୁ ବିଭିନ୍ନ ନଦୀରେ ବନ୍ୟା ଆସି ଭଦ୍ରକ ଜିଲା ଧାମନଗର ବ୍ଲକରେ ୨୬ ପଞ୍ଚାୟତର ୫,୧୫୭ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଗତ ୩ଦିନ ଭିତରେ ସ୍ଥାନୀୟ ଅଞ୍ଚଳରେ ବର୍ଷା ହୋଇ ନ ଥିଲେ ମଧ୍ୟ ଉପରମୁଣ୍ଡରେ ଲଗାତର ବର୍ଷା ଯୋଗୁ ବୈତରଣୀ, ସାଳନ୍ଦୀ, ରେବ, ଗେଙ୍ଗୁଟି ଓ କୋଚିଲା ନଦୀରେ ଜଳସ୍ତର ବଢ଼ିବା ଦ୍ୱାରା ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ବ୍ଲକର ବୟାଗଡିହ, ଦଳାଙ୍ଗ ଓ ଭଟସାହି ପଞ୍ଚାୟତ ଜଳମଗ୍ନ ହେବାରୁ ୧୦ ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଛନ୍ଦାସାହି, ଆମ୍ବିଳି ଗାଁ, ଗୋଠିନା, ବାଘୁଆରୀ, ଭଉଁରିଆବାଙ୍କ ଆଦି ଗ୍ରାମ ଏବେବି ପାଣିଘେରରେ ରହିଛି। ରାସ୍ତା ଉପରେ ୪ ଫୁଟ୍‌ର ଓ ଚାଷଜମିରେ ପ୍ରାୟ ୬ ଫୁଟ୍‌ର ପାଣି ଜମି ରହିଛି। ଜଳଘେରରେ ରହିଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ସରକାରୀ ସହାୟତା ଲୋକଙ୍କ ପାଖରେ ପହଞ୍ଚି ନ ଥିବା ଅଭିଯୋଗ ହେଉଛି।

# ବାଲିଆପାଳ-କମର୍ଦ୍ଧା ରାସ୍ତାରେ ୪ ଫୁଟ୍‌ର ପାଣି

ବାଲିଆପାଳ, ୨୨।୮(ସ୍ୱ.ପ୍ର.)

ସୁବର୍ଣ୍ଣରେଖା ନଦୀରେ ବନ୍ୟା ସୃଷ୍ଟି ହୋଇ ବାଲିଆପାଳ ବ୍ଲକର ୧୫ଟି ପଞ୍ଚାୟତର ୬୦ ଗାଁର ୬୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବାଲିଆପାଳ କମର୍ଦ୍ଧା ରାସ୍ତାରେ ୪ ଫୁଟ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଜିଲାପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତଦାରଖ କରୁଛନ୍ତି। ସୋମବାର ମନ୍ତ୍ରୀ ପ୍ରତାପ ଦେବ ବନ୍ୟାଞ୍ଚଳ ଗସ୍ତ କରି ବ୍ଲକରେ ସମୀକ୍ଷା କରିଛନ୍ତି। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସହିତ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଗୋବିନ୍ଦ ପ୍ରସାଦ ଦାସ, ଶୁଭଙ୍କର ମହାପାତ୍ର ଓ ଅନ୍ୟମାନେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସେହିପରି ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସୁବାସିନୀ ଜେନା, ଗୋବିନ୍ଦ ପ୍ରସାଦ ଦାସ, କଂଗ୍ରେସର ବିଜନ ନାୟକ, ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ ମଧ୍ୟ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବାଲିଆପାଳ ବିଷ୍ଣୁପୁର ରାସ୍ତା, ବାଲିଆପାଳ କର୍ମଦା ମୁଖ୍ୟ ରାସ୍ତା, ବାଲିଆପାଳ ନୟାବାଲି ରାସ୍ତା, ଇକଡପାଳ ଜାମକୁଣ୍ଡା ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପାଳପଡ଼ା, ପାଳବେଗୁନିଆ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରସଲପୁରଠାରେ ନଦୀ ବନ୍ଧ ଭାଙ୍ଗିଯାଇଛି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ସହିତ କେତେକ ସ୍ଥାନରେ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ଆରଡବ୍ଲ୍ୟୁଏସଏସ୍ ପକ୍ଷରୁ ପିଇବା ପାଣି ବ୍ୟବସ୍ଥା କରାଯାଇଛି।



ବାଲିଆପାଳରେ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

# ବନ୍ୟାରେ ୩ ବ୍ଲକର ୩୫ ଗାଁ ପ୍ରଭାବିତ



ଚାନ୍ଦବାଲି ବ୍ଲକର ଦୋହରାପାଟଣାରେ ଜଣେ ମହିଳା ବନ୍ୟାପାଣିରେ ପଶି ପାନୀୟ ଜଳ ଆଣିବାକୁ ଯାଉଛନ୍ତି।

ଆରଡ଼ି, ୨୨।୮ (ଡି.ଏନ.ଏ.)

- ଲୋକଙ୍କ ଘର ଭିତରେ ପାଣି
- ଫସଲ ନଷ୍ଟ ନେଇ ଚିନ୍ତାରେ ଚାଷୀ

ବୈତରଣୀରେ ବନ୍ୟା ଯୋଗୁ ଭଦ୍ରକ ଜିଲାର ୩ ବ୍ଲକ ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକର ୩୫ ଗାଁ ପ୍ରଭାବିତ ହୋଇଛି। ଚାନ୍ଦବାଲି ବ୍ଲକର ଆରଡ଼ି, ଓଳଗ, ନାନ୍ଦପୁର, ସୁନ୍ଦରପୁର, ଧାମନଗର ବ୍ଲକର ପାଳସାହି ଓ ରଇପୁର, ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ପାଣି ପଶିଛି। ଶତାଧିକ ଏକର ଚାଷଜମିରେ ବନ୍ୟାଜଳ ମାଡ଼ିଯାଇଛି। ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର ଦୋହରାପାଟଣା ମଳିକସାହି ସ୍ଥିତ ବୈତରଣୀ ନଦୀବନ୍ଧରେ ଘଳିଆ ପଡ଼ିବାରୁ ଗାଁ ଦାଣ୍ଡରେ ପାଣିସୁଅ ଚାଲୁଛି। ଏଥିସହ ଲୋକଙ୍କ ଘରେ ବନ୍ୟାଜଳ ପଶିଛି। ଦୁର୍ବଳ ନଦୀବନ୍ଧରେ ଘାଇ ହେବା ଆଶଙ୍କା ଥିବାରୁ ଲୋକେ ରାତିରେ ଜଗି ରହୁଛନ୍ତି। ଓଳଗ ପଞ୍ଚାୟତ ବୋଡ଼କ ଗାଁର କେତେକ ବ୍ୟକ୍ତିଙ୍କ ଘର ଭିତରେ ପାଣି ପଶିଯାଇଛି। ବୋଡ଼କ ନିକଟ ୨୦ ନଂ. ଜାତୀୟ ରାଜପଥ ଉପରେ ବନ୍ୟାଜଳ ପ୍ରବାହିତ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମୁଆଁ ଓ ଆରଡ଼ି ନିକଟସ୍ଥ ଭୂଇଁପୁର ଘୋଷରାରେ ମଧ୍ୟ ୩ ଫୁଟ୍‌ର ପାଣି ଚାଲୁଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଧାମନଗର ବ୍ଲକର ପାଳସାହି ଗାଁରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ଚାଷଜମି ବୁଡ଼ିଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରଇପୁର ପଞ୍ଚାୟତର ରଇପୁର, କାଠମୁଣ୍ଡା, କଣ୍ଟିକା, ବାଙ୍କସାହି, ଶ୍ୟାମସୁନ୍ଦରପୁର ପଞ୍ଚାୟତର ତଳଦୁମୁକା, ଉପରଦୁମୁକା, ନୂଆସାହି ଆଦି ଗାଁର ଲୋକଙ୍କ ଫସଲ ନଷ୍ଟ ହୋଇଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଅଳ୍ପ କେଇଦିନ ତଳେ ହୋଇଥିବା ବନ୍ୟାରେ ଦୁର୍ଦ୍ଦଶା କମି ନ ଥିବାବେଳେ ଦ୍ୱିତୀୟ ବନ୍ୟା ମେରୁଦଣ୍ଡ ଭାଙ୍ଗି ଦେଇଛି ବୋଲି ସେମାନେ କହିଛନ୍ତି। ବନ୍ୟା ପ୍ରଭାବିତଙ୍କୁ ଏପର୍ଯ୍ୟନ୍ତ କୌଣସି ରିଲିଫ ସହାୟତା ମିଳି ନ ଥିବା ଏସବୁ ଗ୍ରାମବାସୀ ଦୁଃଖର ସହ କହିଛନ୍ତି। ତେବେ ନଦୀରେ ବନ୍ୟାଜଳ ସାମାନ୍ୟ ହ୍ରାସ ପାଇଥିବାରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି।

# ପଚିଗଲା ଧାନ ତଳି

ପଦ୍ମପୁର, ୨୨।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ଧଳା, କଞ୍ଚୁଡ଼ି, ମନ୍ତେଇ, ଗମେଇ ଓ କାଂଶବାଂଶ ନଦୀର ଜଳସ୍ତର ସୋମବାର ଧୀରେ ଧୀରେ କମିବାରେ ଲାଗିଛି। ହେଲେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ବ୍ଲକରେ ମୋଟ ୩୨ହଜାର ହେକ୍ଟର ଜମିରେ ଧାନ ଚାଷ ହେବାକୁ ଥିବାବେଳେ ଏବେ ସୁଦ୍ଧା ୨୦ ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ସରିଛି। ବିଭିନ୍ନ ନଦୀରେ ବନ୍ୟା ଆସି ପାଣି ମାଡ଼ିଯିବାରୁ ବ୍ଲକର ନଈଘେରଦ ରହିଥିବା ବରଣ୍ଡୁଆ, ଜଗନ୍ନାଥପୁର, ପଦୁଆଁ, ଅଦୁଆଁ, ଇରମ, ଶାଶୁଭୁଆଶୁଣୀ, ନୂଆଗାଁ ୭ ପଞ୍ଚାୟତ ସହ ପାଟ, ଜଗନ୍ନାଥପ୍ରସାଦ, ଲୁଙ୍ଗା, ସୁଗୋ, ଏଡ଼ତାଳ, ପଦ୍ମପୁର, ବାଲିମେଦ ଓ ଲକ୍ଷ୍ମୀଦାସପୁର ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଚାଷଜମି ବୁଡ଼ି ରହିଥିଲା। ସପ୍ତାହେରୁ ଅଧିକ ଦିନ ଧରି ପାଣିରେ ବୁଡ଼ି ରହିବା ଯୋଗୁ ନଗଦ ରୁଆ ଯାଇଥିବା ଧାନ ତଳି ପଟୁ ପଡ଼ି ପଚିଯାଇଛି। ଏଥିସହ ଚାଷ ପାଇଁ ପ୍ରସ୍ତୁତ କରାଯାଇଥିବା ଧାନ ତଳି ସବୁ ମଧ୍ୟ ପଚିଯାଇଛି। ଏବେ ରୁଆ ସମୟ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ପୁନର୍ବାର ତଳି ପକାଇ ଚାଷ କରି ଧାନ ବେଉସଣ କରିବା ସମ୍ଭବପର ନୁହେଁ। ଫଳରେ ହଜାର ହଜାର ହେକ୍ଟର ଚାଷଜମି ଚଳିତବର୍ଷ ଖରିଫ ଋତୁରେ ପଡ଼ିଆ ରହିବ ବୋଲି ଆଶଙ୍କା କରାଯାଉଛି। ତୁରନ୍ତ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ପ୍ରଦାନ ସହ ଆଗାମୀ ରବି ଋତୁ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ପଦ୍ମପୁର ଅଞ୍ଚଳରେ ବନ୍ୟାପାଣି ମାଡ଼ି ପଚି ଯାଇଥିବା ଧାନ ବିଲ।

# ଭୋଗରାଇର ୨୨ ପଞ୍ଚାୟତ ପ୍ରଭାବିତ



ଲୋକେ ବନ୍ୟାପାଣିରେ ପଶି ଯାଉଛନ୍ତି।

ଭୋଗରାଇ, ୨୨।୮(ଡ଼ି. ଏନ. ଏ. )

ଝାଡ଼ଖଣ୍ଡ ମାଳ ଅଞ୍ଚଳରେ ପାଗର ଉନ୍ନତି ହେବାରୁ ଚାନ୍ଦିଲି ଡ୍ୟାମ ଓ ଗାଲୁଡ଼ିହି ଜଳଧାର ଗେଟଗୁଡିକ ସାମୟିକ ଭାବେ ବନ୍ଦ ହୋଇଥିବା ସୂଚନା ମିଳିଛି। ଭୋଗରାଇ ବ୍ଲକ ଆରୁହାବୃତ୍ତି, କୁମ୍ଭୀରଗଡି, ଗବଗାଁ, କୁସୁଡା, ଉଲୁଡ଼ା, ଉଲୁଡ଼ା, ପୁଟିଣା, ନହରା, ବାଲିମ, ଦାରୁହା, ମହାଗବ ସିଆଁରୁଇ, କୁଳିଦା, ଗୁଣସାର୍ଥ ଆଦି ପଞ୍ଚାୟତର ଶତାଧିକ ଗାଁ ଲୋକଙ୍କ ଅବସ୍ଥା ସଙ୍ଗୀନ ହୋଇପଡିଛି। କୁମ୍ଭୀରିଗଡି ଗାଁ ବାହ୍ୟଜଗତରୁ ବିଛିନ୍ନ ହୋଇପଡିବାରୁ ବିପନ୍ନଙ୍କ ଅବସ୍ଥା ଶୋଚନୀୟ ହୋଇଛି। ଭୋଗରାଇ ବ୍ଲକରେ ୨ ୨ ପଞ୍ଚାୟତର ୧୨୨ ଗାଁ ପ୍ରଭାବିତ ହୋଇଥିବା ବେଳେ ଜୀବନଯାତ୍ରା ବ୍ୟାହତ ହୋଇଛି।

ବନ୍ୟାଜଳକୁ ସମୁଦ୍ରଗର୍ଭକୁ ଟାଣି ନେଉଥିବାରୁ ବଡ ବନ୍ୟା ଟଳିବା ସମ୍ଭାବନା ଦେଖାଦେଇଛି। ଏକ ଗାଁରୁ ଅନ୍ୟ ଗାଁକୁ ଯିବାକୁ ଡ଼ଙ୍ଗା ଓ କଦଳୀଭେଳା ଏକମାତ୍ର ଭରସା ହୋଇଛି। ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ସୋମବାର ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପ୍ରତାପ ଦେବ, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ରତୀନ୍ଦ୍ର ପ୍ରତାପ ସ୍ୱାଇଁ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି ସହିତ ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗର ଅଧିକାରୀ, ଜନ ପ୍ରତିନିଧିଙ୍କୁ ନେଇ ବନ୍ୟା ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ବିପନ୍ନଙ୍କୁ ଉଦ୍ଧାର ଓ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଅଞ୍ଚଳରେ ସମସ୍ତ ରାଜନୈତିକ ନେତୃବୃନ୍ଦ ବିପନ୍ନଙ୍କ ପାଖରେ ପହଞ୍ଚିଛନ୍ତି। ଅଗ୍ନିଶମ ବିଭାଗ, ଏନଡ଼ି ଆରଏଫ୍ ଓ ଓଡ୍ରାଫ ଟିମ ବନ୍ୟା ମୁକାବିଲା ପାଇଁ ସଜାଗ ରହିଛନ୍ତି।

# ୨୮ ପଞ୍ଚାୟତର ୧୦ ହଜାର ଲୋକ ଜଳବନ୍ଦୀ

ଜଳେଶ୍ୱର, ୨୨।୮(ଡି.ଏନ.ଏ.)

ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ଜଳେଶ୍ୱର ବ୍ଲକ ୨୮ଟି ପଞ୍ଚାୟତର ୧୪୯ ଗାଁ ପ୍ରଭାବିତ ହୋଇଛି । ଏଥିରେ ୧୦ହଜାର ଲୋକ ଜଳବନ୍ଦୀ ହୋଇଥିବା ବେଳେ ୧୧୪ଟି କେନ୍ଦ୍ରରେ ଥଇଥାନ କରାଯାଇଛି । ସେମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଛି। ୬ହଜାର ହେକ୍ଟର ଚାଷଜମିରେ ବନ୍ୟାଜଳ ପ୍ଲାବିତ ହୋଇଛି। ବିଭିନ୍ନ ଅଞ୍ଚଳକୁ ଯାଇଥିବା ମୁଖ୍ୟ ରାସ୍ତାଗୁଡିକ ପାଣିରେ ବୁଡି ରହିଛି। ସୋମବାର ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ପ୍ରତାପ ଦେବ, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଆର୍‌ଡ଼ିସି ସୁରେଶ ଚନ୍ଦ୍ର ଦଳେଇ ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଜଳେଶ୍ୱର ବ୍ଲକର ଆରୁହା, ବାଇଗଣ ବାଡିଆ, ବର୍ଦ୍ଧନା, ଚମାର ଗାଁ, ଦକ୍ଷିଣ ପ୍ରହରାଜପୁର, ଗୋବରଘଟା, ଝାଡପିମ୍ପଳ, ଖୁଦିଆ ମାଝିସାହି, ଖାଲିନା, ଖୁଲୁଡା, କୋଟସାହି, ଲକ୍ଷ୍ମଣନାଥ, ମହମ୍ମଦନଗରପାଟଣା, ନାମ୍ପୋ, ନେତୁଆ, ପଶ୍ଚିମବାର୍ଡ, ଓଲମରା, ପାଇକସିଦା, ନଛିମପୁର, ରାଜପୁର, ସମ୍ପଡିଆ, ମାକିଡିଆ, ଶିଖରପୁର, ଶ୍ରୀରାମପୁର, ରାୟାଁ ରାମଚନ୍ଦ୍ରପୁର, ସୁଗୋ, ଗଡସାହି ବାଲିଆପାଳ ଓ ଗୋପିମୋହନପୁରର ୧୧୪ଟି କେନ୍ଦ୍ରରେ ୧୦୦୫୮ ଲୋକଙ୍କୁ ଆଶ୍ରୟ ଦିଆଯାଇ ରନ୍ଧାଖାଦ୍ୟ ଦିଆଯାଇଛି। ପ୍ରାୟ ୪୧ କୁଇଣ୍ଟାଲ ଚୂଡା ବଣ୍ଟନ କରାଯାଇଥିବା ବେଳେ ୩୫ ପଞ୍ଚାୟତରୁ ୨୮ପଞ୍ଚାୟତର ୧୪୯ ଗାଁର ୬ହଜାର ହେକ୍ଟର ଜମି ବନ୍ୟା ପ୍ଲାବିତ ହୋଇଛି। ୫ହଜାର ହେକ୍ଟର ଧାନ ଜମି ଓ ପ୍ରାୟ ୧ହଜାର ହେକ୍ଟର ପନିପରିବା ଚାଷ ହୋଇଥିବା ଜମିରେ ପାଣିର ସୁଅ ଛୁଟୁଛି । ବନ୍ୟା ଫଳରେ ଗୁରୁଦାସପୁର-ଚାଫଲା, ଶିଖରପୁର-ରାଇବଣିଆ, ଜଳେଶ୍ୱର ପଶ୍ଚିମବାର୍ଡ, ଜମାଳପୁର-କୋଟସାହି-ଚୋରମରା, ନାମ୍ପୋ-ଖାଲିନା, ଡେମୁରିଆ-ସମ୍ପଡିଆ, ନାମ୍ପୋ -ଇକଡା ରାସ୍ତାରେ ପାଣିସୁଅ ଛୁଟୁଛି । ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ପରିସ୍ଥିତି ସ୍ୱଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇଦେବାକୁ କହିଥିଲେ। ତାଙ୍କ ସହ ବିଡିଓ ପୁନମ୍ ରାଉତ, ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ବ୍ଲକ ଅଧକ୍ଷ ମାନସ ଜେନା, ବନ୍ୟା ପରିଚାଳକ ନୀଲୁ ମହାପାତ୍ର, ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ପ୍ରମୁଖ ବନ୍ୟାଞ୍ଚଳ ଗସ୍ତ କରିଛନ୍ତି । ଅପରାହ୍ନରେ କ୍ୟାବିଟେନ୍ ମନ୍ତ୍ରୀ ପ୍ରତାପ ଦେବ ଜଳେଶ୍ୱର ବ୍ଲକର ରାୟାଁ, ରାମଚନ୍ଦ୍ରପୁର ଓ ଝାଡପିମ୍ପଳ ପଞ୍ଚାୟତର କେତେକ ବନ୍ୟା ପ୍ଲାବିତ ଗ୍ରାମ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବିପନ୍ନ ଚାଷୀଙ୍କୁ ଆଗାମୀ ରବି ଋତୁରେ ସରକାର ବିଭିନ୍ନ ସହାୟତା ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହିତ ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ତଥା ବିଜେଡି ସଭାପତି ଇଂ ରବୀନ୍ଦ୍ର ଜେନା ବିଭିନ୍ନ ଆଶ୍ରୟସ୍ଥଳ ବୁଲିଥିଲେ ଓ ସରକାରୀ ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ। ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ରାଇବଣିଆର ଓଲମରା, ବ୍ରହ୍ମାପୁର, ଗୋପାଳପୁର, ରାଜନଗର, ମାକିଡିଆ ଓ କୁଅଁରପୁର ବନ୍ୟାଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ମାକିଡିଆ ଓ କୁଅଁରପୁରରେ ନଦୀର ପଥରପ୍ୟାକିଂ ଓ ସ୍ପୋରର ଆବଶ୍ୟକତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ତାଙ୍କ ସହିତ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଲେଲିନ୍ ପ୍ରଧାନ, ଯତିନ୍ଦ୍ର ମହାନ୍ତି, ନିମାଇଁ ଘୋଷ, ଦୀପକ କାପୁଡି, ସମୀର ଘଡେଇ, ରାଧାକାନ୍ତ ଘୋଷ, ବ୍ରିଜେଶ ରଣା ପ୍ରମୁଖ ଅନୁଧ୍ୟାନ କରିଥିଲେ ।



ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

**ଜଳେଶ୍ୱର ବ୍ଲକ୍**

- ବନ୍ୟାଞ୍ଚଳରେ ମନ୍ତ୍ରୀ ପ୍ରତାପ ଦେବ, ଆର୍‌ଡିସି
- ଜଳ ପ୍ଲାବିତ ଗ୍ରାମ ବୁଲି ଦେଖିଲେ ପର୍ଯ୍ୟଟନ ମନ୍ତ୍ରୀ

**ବନ୍ୟାଜଳରେ ବୁଡ଼ି ମହିଳା ମୃତ**

ବାଲିଆପାଳ/ଲଙ୍ଗଳେଶ୍ୱର, (ସ୍ୱ.ପ୍ର/ଡି.ଏନ.ଏ.)- ବାଲିଆପାଳ ବ୍ଲକର ଜାମକୁଣ୍ଡା ପଞ୍ଚାୟତ ବଡ଼ତାଳପଦା ଗ୍ରାମର ରତନି ମଙ୍ଗରାଜ (୩୬) ସୋମବାର ବନ୍ୟାଜଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ରତନି ଦୁଇ ଦିନ ଧରି ଝାଡ଼ାରେ ଆକ୍ରାନ୍ତ ଥିଲେ। ସୋମବାର ଅପରାହ୍ନ ୨ଟାରେ ଘର ପଛପଟେ ବନ୍ୟା ଜଳରେ ଶୌଚ ହେଉଥିବା ବେଳେ ପାଦ ଖସି ଯାଇଥିଲା। ଫଳରେ ସେ ବୁଡ଼ି ଯାଇଥିଲେ। ପରିବାର ଲୋକେ ରତନିଙ୍କୁ ଶୋଇବା ଘରେ ବହୁ ସମୟ ଧରି ନ ପାଇ ଏଣେତେଣେ ଖୋଜାଖୋଜି କରି ଘର ପଛପଟ ବନ୍ୟା ଜଳରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ।

## ସଂକ୍ଷେପରେ

### ଛାତ୍ରଙ୍କ ଦ୍ୱାରା କୁକୁଡ଼ା ମାଂସ ପ୍ରସ୍ତୁତି: ଭିଡିଓ ଭାଇରାଲ

**ବାରିପଦା ଅଫିସ,୨୨।୮:** ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ତୁଙ୍ଗଧୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅନ୍ତେବାସୀ ରବିବାର ମୃତ ବ୍ରଏଲାର କୁକୁଡ଼ା ସଫା କରିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗରମ ପାଣିରେ କୁକୁଡ଼ା ଧୋଇବା ସହ ବିପଦପୂର୍ଣ୍ଣ କୂଅରେ ବସି ଛାତ୍ରମାନେ ମାଂସ ପ୍ରସ୍ତୁତ କରୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଛାତ୍ରମାନଙ୍କୁ ଏଭଳି କାର୍ଯ୍ୟରେ ଲଗାଇ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅକୁଳ ନାଏକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପାଇଁ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଆବଶ୍ୟକ ପଡ଼ିଲେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବର୍ଷା ପାଇଁ ଟାଙ୍ଗରାଣୀରେ ବ୍ୟାପକ କ୍ଷୟକ୍ଷତି

**କେନ୍ଦୁଝର ,୨୨।୮(ସ୍ୱ.ପ୍ର):** କେନ୍ଦୁଝର ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବହୁ କ୍ଷୟକ୍ଷତି ଘଟିଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ଗ୍ରାମରେ ବର୍ଷାରେ ବହୁ ଲୋକଙ୍କ ଘର ଭାଙ୍ଗି ଯାଇଛି। ତେଣୁ ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ଅସୁବିଧା ଭୋଗୁଛନ୍ତି। ଟାଙ୍ଗରାଣୀ ନାଏକ, ଯୁଗଳ କିଶୋର ପାତ୍ର, ଜଗନ୍ନାଥ ମୁଣ୍ଡା, ରବି ପାତ୍ର, ମଞ୍ଜୁଲତା ନାଏକଙ୍କ ସମେତ ୧୬ଜଣଙ୍କ ଘର ଭାଙ୍ଗି ଯାଇଛି। ଜିଲା ପ୍ରଶାସନ ସହାୟତା ଯୋଗାଇଦେବାକୁ କ୍ଷତିଗ୍ରସ୍ତ ଲୋକେ ଦାବି କରିଛନ୍ତି।

### ବନ୍ୟା ଜଳରେ ଭାସି ଜଣେ ମୃତ

**ହାଟଡିହୀ,୨୨।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଜାବିନିପୁର ଗ୍ରାମର ଜଣେ ବ୍ୟକ୍ତି ବନ୍ୟା ଜଳରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଉଛନ୍ତି କୁଶ ମୁଣ୍ଡା। କୁଶ ଗତ ରବିବାର ସକାଳୁ ଭାଗ କରିଥିବା ଚାଷ ଜମିକୁ ଏକ ନାଳ ପାର ହୋଇ ଯାଇ ଆଉ ଫେରି ନ ଥିଲେ। ପରିବାର ଏବଂ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳି ନ ଥିଲା। ବନ୍ୟା ଜଳ କମିଯିବା ଫଳରେ ତାଙ୍କ ମୃତଦେହ ନାଳରେ ଭାସୁଥିବା ସୋମବାର ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସ୍ଥାନୀୟ ନନ୍ଦୀପଦା ପୋଲିସକୁ ସୂଚନା ଦିଆଯାଇଛି।

### ୨ ଚୋରା ବାଇକ୍ ଜବତ, ୩ ଗିରଫ

**ବଡ଼ବିଲ, ୨୨।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ସୋମବାର ପୃଥକ ଦୁଇ ବାଇକ୍ ଚୋରି ଘଟଣାରେ ପୋଲିସ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨ ବାଇକ୍‌କୁ ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପିଏଚ୍‌ଡି ଅଞ୍ଚଳର ଓମ୍ ମହାକୁଡ, ଭଞ୍ଜ କଲୋନୀ ଅଞ୍ଚଳର ପ୍ରଦୀପ୍ ଏବଂ ଆଶିଷ କୁଲୁ। ସୂଚନା ଅନୁଯାୟୀ, ପିଏଚ୍‌ଡି କାଳନ୍ଦୀ ସାହିରେ ରହୁଥିବା ନନ୍ଦିନୀ ମହାନ୍ତଙ୍କ ଏତଲାକୁ ଭିତ୍ତି କରି ପୋଲିସ ଗତ ୧୯ ତାରିଖରେ ଏକ ମାମଲା (ନଂ.୧୮୯/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ତଦନ୍ତ ଜାରି ରଖି ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଓମ୍ ଏବଂ ପ୍ରଦୀପଙ୍କୁ ଗିରଫ କରିଥିଲା। ସେହିପରି କାରା ଖେଣ୍ଡରା ଗ୍ରାମର ଜଗନ୍ନାଥ ନାଏକଙ୍କ ଏକ ବାଇକ୍ ଜୁଲାଇ ୧୮ ତାରିଖରେ ଚୋରି ହୋଇଥିବା ନେଇ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଆଶିଷଙ୍କୁ ପୋଲିସ ଗିରଫ କରିବାକୁ ସକ୍ଷମ ହୋଇଛି।

### ଭାସ୍କର ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ



**ଭଦ୍ରକ ଅଫିସ, ୨୨।୮:** ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ଭଦ୍ରକ ପୌରାଞ୍ଚଳ ଅଧୀନ ଅପର୍ତିବିନ୍ଧାର ଭାସ୍କର ମହାଲିକ ମନୋନୀତ ହୋଇଛନ୍ତି। ସେ ଛାତ୍ର ରାଜନୀତି ସହ ସବୁବେଳେ ଜଡ଼ିତ ରହିଥିବା ବେଳେ ପୂର୍ବରୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ପଦୋନ୍ନତି ପରେ ସେ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ଆହୁରି ମଜଭୁତ କରିବେ ବୋଲି କହିଛନ୍ତି।

# ବିପଦ ସଙ୍କେତ ତଳେ ବୈତରଣୀ

## ବନ୍ୟାରେ ଉଜୁଡ଼ିଲା ଚାଷ

**ଭଣ୍ଡାରିପୋଖରୀ, ୨୨।୮(ସ୍ୱ.ପ୍ର.)**

ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଉଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ବିପଦ ସଙ୍କେତ ତଳକୁ ଖସିଛି। ଏଠାରେ ବିପଦସଙ୍କେତ ୧୭.୮୩ ମିଟର ଥିବା ବେଳେ ରାତି ୧୦ଟା ସୁଦ୍ଧା ୧୭.୭୧ ମିଟରରେ ପ୍ରବାହିତ ହେଉଛି। ସପ୍ତାହେ ଭିତରେ ବୈତରଣୀରେ ଦୁଇ ଦୁଇଥର ବନ୍ୟା ଆସିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷ କରି ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବୈତରଣୀ ତଟବର୍ତ୍ତୀ ଝୁଟଣା ଓ ବନ୍ଦାଲୋ-ମଦିଆଳି ଅଞ୍ଚଳରେ ବନ୍ୟାଜଳ ଚାଷ ଜମିରେ ମାଡ଼ିଯାଇଛି। କଣ୍ଟି ଏସ୍‌କେପ ଦେଇ ନିଷ୍କାସନ ହୋଇଥିବା ବନ୍ୟାପାଣି ଯୋଗୁ ଖୋଳମପୁର, ରହଣିଆ, ମାଳଦା ଓ ନପଙ୍ଗ ପଞ୍ଚାୟତର ଅନେକ ଗାଁର ଚାଷୀ କ୍ଷତି ସହିଛନ୍ତି। ଚାଷଜମିରେ ପଟୁ ପାଣି ମାଡ଼ିଯାଇ ଧାନ ତଳି ନଷ୍ଟ ହୋଇଛି। ଏସ୍‌କେପ ପାଣି ପାଇଁ ରାହନୁଆପଡ଼ା, ଖପୁରିଆପଦା, ଜଳହରି, ସାରଣା, ବିରୋଳି, ନୌରଙ୍ଗପୁର, ମାଳଦା, ନପଙ୍ଗ, ରାଢୋ ପ୍ରମୁଖ ଗାଁର ନାମମାତ୍ର, କ୍ଷୁଦ୍ର ଓ ଭାଗ ଚାଷୀ ଅସୁବିଧା ଭୋଗୁଛନ୍ତି। କେତେକ ମାତ୍ରାରେ ତଳିକୁ ବଞ୍ଚାଇବା ପାଇଁ ଚାଷୀମାନେ ପାଣି ମାରି କ୍ଷେତରେ ପଟୁ ଛଡ଼ାଉଥିବା ଦେଖାଯାଇଛି। ବନ୍ୟାଜଳରେ ବର୍ଷାଦିନିଆ ପନିପରିବା ଚାଷ ମଧ ନଷ୍ଟ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ କୃଷି ବିଭାଗ ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିବାକୁ ଦାବି ହୋଇଛି।

# ବନ୍ୟାବିପନ୍ନଙ୍କୁ ରିଲିଫ୍ ବଣ୍ଟନ



ଜିଲା ବିଜେଡି କାର୍ଯ୍ୟାଳୟରେ ରିଲିଫ୍ ସାମଗ୍ରୀ ସହ ନେତା ଓ କର୍ମୀ

**ବାଲେଶ୍ୱର ଅଫିସ, ୨୨।୮**

ବାଲେଶ୍ୱର ଜିଲାରେ ୪ଟି ବ୍ଲକର ବନ୍ୟାବିପନ୍ନଙ୍କ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଜିଲା ବିଜେଡି କାର୍ଯ୍ୟାଳୟରେ ବନ୍ୟା କ୍ଷୟକ୍ଷତି ସମୀକ୍ଷା ଓ ରିଲିଫ୍ ବଣ୍ଟନ ତଦାରଖ ନେଇ ବାରମ୍ବାର ବୈଠକ ବସିଥିଲା। ବୈଠକରେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଶିଳ୍ପ, ଏମଏସ୍‌ଏମଇ ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉପସ୍ଥିତ ରହି ସ୍ଥିତିକୁ ସମୀକ୍ଷା କରିବା ସହ ବନା ପ୍ରପୀଡ଼ିତଙ୍କ ପାଇଁ ରିଲିଫ୍ ସାମଗ୍ରୀ ପହଞ୍ଚାଇବାକୁ ଗୁରୁତ୍ୱାରୋପ କରିଥିଲେ। ସୋମବାର ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ବନ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଶୁଖିଲା ଖାଦ୍ୟ ୮ଟି ଗାଡ଼ିରେ ବନ୍ୟା ପ୍ରପୀଡ଼ିତଙ୍କ ନିମନ୍ତେ ପଠାଯାଇଛି। ଜିଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ ଓ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ନୀଳଗିରି ଅନୁସୂଚିତ ଜାତିର ସଭାପତି ଶରତ ଦାସ ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସାମିଲ ଅଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା କଂଗ୍ରେସ କମିଟି ପକ୍ଷରୁ ୩ଟି ପିକଅପ୍ ଭ୍ୟାନ୍‌ରେ ୫ ଟନ ଶୁଖିଲା ଖାଦ୍ୟ ପଠାଯାଇଛି। ସୋମବାର ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକର ଦଳୀୟ ନେତାମାନେ ସେଗୁଡ଼ିକୁ ଗ୍ରହଣ କରି ବନ୍ୟା ବିପନ୍ନ ପରିବାରକୁ ବଣ୍ଟନ କରିଛନ୍ତି। ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବାଲିଆପାଳ ଓ ବସ୍ତା ବ୍ଲକର ଜଳବନ୍ଦୀ ଥିବା ଅଞ୍ଚଳ ଗସ୍ତ କରି ଲୋକଙ୍କର ସମସ୍ୟା ପଚାରି ବୁଝିବା ସହିତ ପ୍ରଶାସନ ମାଧ୍ୟମରେ ସମସ୍ତ ସହଯୋଗ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ଗସ୍ତରେ ଆସିଥିବା କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ସାକ୍ଷାତ କରି ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି,ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା,ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସଦର ଭାଜପାର ଏକ ଟିମ୍ ବୁଢ଼ାବଳଙ୍ଗ ନଦୀ ବନ୍ୟାରେ ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଥିଲେ। ପରେ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

# ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ





କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବାସୁଦେବପୁର, ୨୨।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ନଗର କଂଗ୍ରେସ କମିଟିର ମିଳିତ ଆନୁକୂଲ୍ୟରେ ଅହେତୁକ ଦରଦାମ୍ ବୃଦ୍ଧି ପ୍ରତିବାଦରେ ସୋମବାର ବିକ୍ଷୋଭ କରାଯାଇଛି। ଶତାଧିକ କଂଗ୍ରେସ ନେତୃମଣ୍ଡଳୀ, କର୍ମୀ ଓ ସମର୍ଥକ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ ରୋଡ୍, କଚେରିରୋଡ୍, ହାଇସ୍କୁଲ ରୋଡ୍ ହୋଇ ସହର ପରିକ୍ରମା କରିଥିଲେ। ପରେ ବସ୍‌ଷ୍ଟାଣ୍ଡ ନିକଟରେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ ଯୋଗଦେଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଅହେତୁକ ଦର ବୃଦ୍ଧିକୁ ବିରୋଧ କରିଥିଲେ। ଏହାକୁ ରୋକିବାରେ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି କହି ସେ ସମାଲୋଚନା କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ସେହିପରି ହିତାଧିକାରୀମାନେ ଘର କରି ଆର୍ଥିକ ସହାୟତା ନ ପାଇ ହନ୍ତସନ୍ତ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଦୁର୍ନୀତିରେ ଉବୁଟୁବୁ ହେଉଥିବା ବେଳେ ସ୍ୱଚ୍ଛ ଶାସନ ଓ ଅଚ୍ଛେ ଦିନ୍ ଏକ ପ୍ରହସନରେ ପରିଣତ ହୋଇଥିବା ସେ କହିଥିଲେ। ମହିଳା ମୋର୍ଚ୍ଚା ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ପିସିସି ରାଜ୍ୟ ସମ୍ପାଦିକା ରୀନା ସ୍ୱାଇଁ, ସରପଞ୍ଚ ସୁବାସ ସନ୍ଧିବିଗ୍ରହ, ଯୁବ କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ବ୍ଲକ ସଭାପତି ସିଦ୍ଧାର୍ଥ ଦାସ, ନଗର ସଭାପତି ସୁଶାନ୍ତ ମହାକୁଡ଼, ନିର୍ବାଚନମଣ୍ଡଳୀ ସଭାପତି ରାକେଶ ମହାନ୍ତି, ଅକ୍ଷୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ମନ୍ଦିରରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି

**ସୋର, ୨୨।୮(ଡି.ଏନ.ଏ.)**

ରବିବାର ବିଳମ୍ବିତ ରାତିରେସୋର ଥାନା ଅଧୀନ ଦହିସଡା ପଞ୍ଚାୟତ ସୁଲତାନ୍‌ପୁର ସାଧୁଆପଡା ଗ୍ରାମରେ ଥିବା ଲକ୍ଷ୍ମୀନୃସିଂହ ଓ ସାହାଡାଶୁଣୀ ମନ୍ଦିରରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ସହ ହୁଣ୍ଡି ଭାଙ୍ଗି ଦାନ ଅର୍ଥ ଲୁଟ୍ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଲକ୍ଷ୍ମୀନୃସିଂହ ମନ୍ଦିର ମୁଖ ଦ୍ୱାର ଚାବି ଭାଙ୍ଗି ସୁନା ଓ ରୁପା ମୁକୁଟ, ରୁପା ଥାଳି, ଅନ୍ୟାନ୍ୟ ଚିତା, ଗହଣା ଓ ଘଣ୍ଟଘଡି ସହ ହୁଣ୍ଡି ଭାଙ୍ଗି ଦାନ ଅର୍ଥ ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ଲୁଟ୍ ଗହଣାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ମନ୍ଦିର ପରିଚାଳନା କମିଟି ସରୋଜ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଜେନା, ବୁଦ୍ଧିରାମ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ ଓ ନରେନ୍ଦ୍ର ଜେନା ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହି ଗ୍ରାମରେ ଏହି ମନ୍ଦିର ପରିସରରୁ ଅଳ୍ପ ଦୂରତାରେ ଥିବା ମା' ଶାହାଡାଶୁଣୀ ମନ୍ଦିର ମୁଖ୍ୟଦ୍ୱାର ଭାଙ୍ଗି ସୁନା କାନଫୁଲ, ଚାନ୍ଦି ମୁକୁଟ, ଚୁଡି , ବଳା ସହ ଘଣ୍ଟଘଡି ଓ ରୋଷେଇ ସରଞ୍ଜାମ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଲୁଟ୍ ଗହଣା ଓ ସାମଗ୍ରୀ ଅର୍ଥ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଉଲ୍ଲେଖ ଅଛି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ରାମଚନ୍ଦ୍ର ଜେନା, ସନ୍ତୋଷ ଜେନା, ନିର୍ମଳ କୁମାର ଜେନା ଓ ଦୀନବନ୍ଧୁ ଜେନା ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି।

# ଶୁଝି ନ ପାରି ଶିକ୍ଷକଙ୍କ ଆତ୍ମହତ୍ୟା ଉଦ୍ୟମ

## ମୋବାଇଲ ଲୋନ ଆପ୍‌ରୁ ଋଣ

**ସୋର, ୨୨।୮(ଡି.ଏନ.ଏ.)**

ସୋମବାର ଅପରାହ୍ନରେ ମୋବାଇଲ ମାଧ୍ୟମରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ଲୋନ୍ ଆପ୍ ମାଧ୍ୟମରେ ଲକ୍ଷେ ଟଙ୍କା ଋଣ ଆଣି ଜଣେ ଶିକ୍ଷକ ବର୍ଷକ ମଧ୍ୟରେ ୩୭ ଲକ୍ଷ ଟଙ୍କା ଶୁଝିବା ପରେ ମାନସିକ ଭାରସାମ୍ୟ ହରାଇ ସୋର ରେଳ ଷ୍ଟେଶନରେ ଏକ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଟ୍ରେନ ଡ୍ରାଇଭରଙ୍କ ସତର୍କତାରୁ ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

ଖନ୍ତାପଡ଼ା ଥାନା ମହାରୁଦ୍ରପୁର ଗ୍ରାମର ଶ୍ରୀଧର ଓଝାଙ୍କ ପୁଅ ପ୍ରଦୀପ ପରିଖି ରିଜିଓନାଲ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଅଛନ୍ତି। ସେ ୨୦୧୭ରେ ବିହାହ ସମୟରେ କିଛି ଟଙ୍କା ଉଧାର ଆଣିଥିଲେ। ଏହି ଅର୍ଥକୁ ଶୁଝିବା ପାଇଁ ମୋବାଇଲରେ ଆସୁଥିବା ୧୦ଟି ଲୋନ ଆପ୍‌ରୁ ୧ଲକ୍ଷ ଟଙ୍କା ଋଣ କରିଥିଲେ। ଏହି ସବୁ ଋଣ ୭ ଦିନ ମଧ୍ୟରେ ପରିଶୋଧ କରିବାର ନିୟମ ଥିବା ବେଳେ ଏ ସମ୍ପର୍କରେ ଜାଣି ନ ପାରି ୨୦୧୯ ଡିସେମ୍ବରରୁ ୨୦୨୦ ଡିସେମ୍ବର ମାସ ପର୍ଯ୍ୟନ୍ତ ଆପ୍‌ମାନଙ୍କ ବିଭିନ୍ନ ପ୍ରକାର ଧମକ ଚମକ ଦ୍ୱାରା ସେ ୩୭ ଲକ୍ଷ ଟଙ୍କା ଶୁଝିବା ପରେ ସେ ବାଧ ହୋଇ ମୋବାଇଲକୁ ଭାଙ୍ଗିଦେଇଥିଲେ। ଏହା ପୂର୍ବରୁ ସେ ଶୁଝିଥିବା ୩୭ ଲକ୍ଷ ଟଙ୍କାକୁ ନିଜ ସ୍କୁଲ ସହକର୍ମୀ ଏବଂ ପାଖ ପଡ଼ୋଶୀଙ୍କଠାରୁ ଧାର ଆଣିବା ସହିତ ନିଜ ଗହଣା, ଗାଡ଼ି ବନ୍ଧା ପକାଇ ଶୁଝିଥିଲେ। ସେବେଠାରୁ ଧାର କରିଥିବା ଏହି ଟଙ୍କାକୁ ନିଜେ ପାଉଥିବା ଦରମା ଟଙ୍କାରୁ ଶୁଝି ଚାଲିଥିଲେ। ମାତ୍ର ଲୋକଙ୍କ ଧମକଚମକଏବଂ ଆର୍ଥିକ ଅନଟନ ଚାପରେ ଗୋଟିଏ କୀଡନି ବିକ୍ରି କରବା ପାଇଁ ଯୋଜନା କରିଥିଲେ। ତାଙ୍କର ବାପ ଜଣେ ରିକ୍ସା ଚାଳକ। ଏଭଳି ଅବସ୍ଥାରେ ତାଙ୍କର ସ୍ତ୍ରୀ ଏବଂ ପୁଅ ତାଙ୍କ ବାପଘରକୁ ଚାଲିଯିବା ଫଳରେ ସେ ପ୍ରବଳ ମାନସିକ ଚାପରେ ବଶବର୍ତ୍ତୀ ହୋଇ ଏକ ଡାଉନ ମାଲବାହୀ ଟେନ ଆଗକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ହେଲେ ଟ୍ରେନ ଡ୍ରାଇଭର ଯୁବକଙ୍କ ନିକଟରେ ଟ୍ରେନକୁ ଅଟକାଇ ଦେଇଥିଲେ। ଷ୍ଟେଶନ କର୍ମଚାରୀ, ଆର୍‌ପିଏଫ୍ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କୁ ନେଇଯାଇଛନ୍ତି।

# ଗାଁ ଦାଣ୍ଡରୁ ଯୁବକଙ୍କ ମୃତଦେହ ଜବତ

**ବୈଶିଙ୍ଗା,୨୨।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତର ବ୍ରହ୍ମପୁରା ଗ୍ରାମ ମଝି ରାସ୍ତାରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବିରଳା ଗ୍ରାମର ସର୍ବେଶ୍ୱର ଜେନାଙ୍କ ପୁଅ ଗୌରମୋହନ। ରବିବାର ସେ କାମ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ସୋମବାର ଅପରାହ୍ନରେ ତାଙ୍କ ମୃତଦେହ ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୨/୨୨) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

**ଧାମନଗର, ୨୨।୮(ସ୍ୱ.ପ୍ର./ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ସରକାରୀ ଜାଗା ଅବରୋଧ, ରାସ୍ତା ନିର୍ମାଣ, ମରାମତି ଆଦି ସମ୍ପର୍କିତ ୪୮ ଅଭିଯୋଗ ଆଗତ ହୋଇଥିଲା। ଜଣଙ୍କୁ ଟ୍ରାଇସାଇକେଲ ଓ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏସ୍‌ପି ଚରଣ ସିଂ ମୀନା, ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତାପ ପ୍ରୀତିମୟ, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ସହକାରୀ ଜିଲାପାଳ ବସନ୍ତ କୁମାର ଲେଙ୍କା, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଡିଓ ଦୁର୍ଗାଚରଣ ମୁର୍ମୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶର୍ମିଷ୍ଠା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସୋସିଆଲ ସର୍ଭିସ ସଙ୍ଗଠନର ଅରୁଣ କୁମାର ବସନ୍ତିଆ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ରାଜପଥ କଡରୁ ମୃତଦେହ ଜବତ

**ସୋର, ୨୨।୮(ଡି.ଏନ.ଏ.)**

ସୋର ଉତ୍ତରେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱ ଏକ ସ' ମିଲ ନିକଟରେ ଏକ ଗଳିତ ମୃତଦେହକୁ ସୋର ପୋଲିସ ଜବତ କରିଛି। ମୃତକ ହେଲେ ପୌରପରିଷଦ ଅଧୀନ ଲିଙ୍ଗପଡ଼ା ଗ୍ରାମର ଶ୍ରୀଧର ରଣା(୫୬)। ଶ୍ରୀଧର ଗତ ଶୁକ୍ରବାରଠାରୁ ନିଖୋଜ ଥିବା ପରିବାର ଲୋକ ସୋର ଥାନାରେ ଅଭିଯୋଗ କରିଥିଲେ। ସୋମବାର ପାଣିଟ୍ୟୁବରେ ମୁହଁ ମାଡ଼ି ସେ ପଡ଼ିଥିବା ବେଳେ କାମ କରୁଥିବା ଶ୍ରମିକମାନେ ଦେଖିପାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ଦ୍ୱାରା ମୃତଦେହକୁ ପାଣିରୁ ଉଦ୍ଧାର କରିବା ପରେ ହେଲପିଂ ହ୍ୟାଣ୍ଡସର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସୋର ଡାକ୍ତରଖାନାକୁ ନେଇ ବ୍ୟବଚ୍ଛେଦ ଲାଗି ନିଆଯାଇଥିଲା।

# ମୟୂରଭଞ୍ଜରେ ୭ହଜାର ଲୋକ ପ୍ରଭାବିତ

## ୫ ମୃତ, ୭୦୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ

**ବାରିପଦା ଅଫିସ, ୨୨।୮**

ଲଘୁଚାପ ଜନିତ ବର୍ଷା ଓ ବନ୍ୟାରେ ମୟୂରଭଞ୍ଜ ଜିଲାର ସମସ୍ତ ବ୍ଲକ ପ୍ରଭାବିତ ହୋଇଛି। ଜିଲାର ୨୬ଟି ବ୍ଲକର ୧୦୭ଟି ପଞ୍ଚାୟତ ଅନ୍ତର୍ଗତ ୪୩୮ଟି ଗ୍ରାମ, ୨ଟି ବସ୍ତି ଓ ୧୫ଟି ପୌରପରିଷଦ ୱାର୍ଡର ମୋଟ ୭ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । କାନ୍ଥ ପଡ଼ି ୪ଜଣ ଓ ବନ୍ୟାଜଳରେ ଭାସିଯାଇ ଜଣଙ୍କୁ ମିଶାଇ ମୋଟ ୫ଜଣଙ୍କର ମୃତ୍ୟୁ ଘଟିଛି। ଜିଲାରେ ୫ଟି କଚ୍ଚାଘର ସମ୍ପୂର୍ଣ୍ଣ ମାଟିରେ ମିଶିଥିବା ବେଳେ ୬ଟି ଅତ୍ୟଧିକ ଓ ୬୪୩ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ସେହିପରି ଗୋଟିଏ ପକ୍କାଘର ଅତ୍ୟଧିକ ଓ ୨ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଗାଈଗୁହାଳ ୪୭ଟି ଓ ଫାର୍ମହାଉସ ୬୭ଟି କ୍ଷତିଗ୍ରସ୍ତ ହୋଇଛି। ୫୦୧ ପ୍ରାଣୀଧନ ପ୍ରଭାବିତ ହୋଇଥିବା ବେଳେ ପ୍ରାରମ୍ଭିକ ଆକଳନ ଅନୁସାରେ ୧୧୮୪ ହେକ୍ଟର ଚାଷଜମି ୨ଟି ଉଦ୍ୟାନ କୃଷିକ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଆଶଙ୍କାରେ ମୋଟ ୨୭ଟି ଆଶ୍ରୟସ୍ଥଳୀରେ ୬୮୦୮ଜଣ ଲୋକଙ୍କୁ ଆଶ୍ରୟ ଦିଆଯିବା ସହିତ ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଅନ୍ୟାନ୍ୟ କ୍ଷତିଗ୍ରସ୍ତ ଆକଳନ ସହ ଉଦ୍ଧାର ଓ ରିଲିଫ ସହାୟତା ଜାରି ରହିଛି। ସମସ୍ତ ନଦୀରେ ବନ୍ୟାଜଳ ହ୍ରାସ ପାଇଛି। ବନ୍ୟା ପରବର୍ତ୍ତୀ ସତର୍କତା ବ୍ୟବସ୍ଥା ମଧ ଗ୍ରହଣ କରାଯାଉଛି ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି କହିଛନ୍ତି।

# 'ଆଦିବାସୀ ଚିତ୍ରକଳାକୁ ବିଶ୍ୱବିଦିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା'

## ଟ୍ରାଇବାଲ ମ୍ୟୁରାଲ ପେଣ୍ଟିଂ ପ୍ରୋଜେକ୍ଟ ଶିବିର

**ବାରିପଦା ଅଫିସ,୨୨।୮**

ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଚିତ୍ରକଳା ଓ କଳାକାରଙ୍କୁ ନେଇ କଳା ସଂସ୍କୃତି ହୋଲ୍ ଫାଉଣ୍ଡେଶନ ପକ୍ଷରୁ ଟ୍ରାଇବାଲ ମ୍ୟୁରାଲ ପେଣ୍ଟି ପ୍ରୋଜେକ୍ଟ-୨୦୨୨ ଶିବିର ରବିବାର ଉଦ୍‌ଘାଟିତ ହୋଇଛି। ଶିମିଳିପାଳ ଇକୋ ରିଟ୍ରିଟ ପରିସରରେ ଆୟୋଜିତ ଏହି ତିନିଦିନିଆ ଶିବିରକୁ ଫାଉଣ୍ଡେଶନର ମୁଖ୍ୟ ତଥା ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୟୂରଭଞ୍ଜର ପାରମ୍ପରିକ ଆଦିବାସୀ ଚିତ୍ରକଳା ଓ କଳାକାରଙ୍କୁ ବିଶ୍ୱବିଦିତ କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ସେ କହିଥିଲେ। ରାଜକୁମାରୀ ଅକ୍ଷୀତା ଭଞ୍ଜଦେଓ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ ଯୋଗଦେଇ ମୟୂରଭଞ୍ଜରେ ଏକ 'ଆଦିବାସୀ କଳାଗ୍ରାମ' ବିକାଶ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।





ଶିବିରରେ ଉପସ୍ଥିତ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ରାଜକୁମାରୀ ଅକ୍ଷୀତା ଭଞ୍ଜଦେଓ।

ଫାଉଣ୍ଡେଶନର ମୁଖ୍ୟ ଶିଳ୍ପୀ କଲ୍ୟାଣ ବାରିକ ଶିବିର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ଚାରୁଚନ୍ଦ୍ର ଦାସ, ମହେନ୍ଦ୍ର ଦଣ୍ଡପାଟ, ମାନସ କୁମାର ପତି, ମୁକ୍ତିପଦ ନନ୍ଦୀ, ତୃପ୍ତି ରଞ୍ଜନ ପରିଜା ପ୍ରମୁଖ ଯୋଗଦେଇ ଶାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆ ପଞ୍ଚାୟତ ଗୁଡିପୋଖରୀ ଗ୍ରାମରେ ଥିବା ଆଦିବାସୀଙ୍କ ଘରେ ଚିତ୍ର ଆଙ୍କି ଆଦିବାସୀ କଳା ସମ୍ପର୍କରେ ସଚେତନ କରିଥିଲେ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ

**ରାଇରଙ୍ଗପୁର,୨୨।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳର ଫିସରି ଅଫିସ ନିକଟରେ ରହୁଥିବା ଠିକାଦାର ଅମିତ୍ ବରମ ପୁରିଆଙ୍କ ବାସଗୃହରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଶି ୫ଲକ୍ଷ ଟଙ୍କାର ସୁନାଗହଣା ଏବଂ ୪୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ମାମଲା(ନଂ.୨୦୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଠିକାଦାର ଅମିତଙ୍କ ପରିବାର ବର୍ଗ ରାତିରେ ଶୋଇଥିବାବେଳେ ୬ଜଣ ଦୁର୍ବୃତ୍ତ ପଛ କବାଟ ଭାଙ୍ଗି ଘରେ ପଶି ଟଙ୍କା, ସୁନା ନେଇ ପଳାଇଥିଲେ। ଏସ୍‌ଡିପିଓ ରତିକାନ୍ତ ଗିରି ଏବଂ ଟାଉନଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ସାଇଣ୍ଟିଫିକ୍ ଟିମ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛନ୍ତି।

